# India-UAE Consultations on UN Issues

April 26, 2022

## ଭାରତ-ୟୁଏଇ ମଧ୍ୟରେ ମିଳିତ ଜାତିସଂଘ ପ୍ରସଙ୍ଗରେ ବିଚାର ବିମର୍ଷ

**ଏପ୍ରିଲ 26, 2022**

ଭାରତ-ୟୁଏଇ ମଧ୍ୟରେ 26 ଏପ୍ରିଲରେ ଆବୁଧାବିରେ ଡାଇରେକ୍ଟର ଜେନେରାଲ (ଡିଜି) ସ୍ତରରେ ମିଳିତ ଜାତିସଂଘ ପ୍ରସଙ୍ଗରେ ପ୍ରଥମ ପର୍ଯ୍ୟାୟ ବିଚାର ବିମର୍ଷ ଅନୁଷ୍ଠିତ ହୋଇଯାଇଛି।  ଏହି ବୈଠକରେ ଯୁଗ୍ମ ସଚିବ (ମିଳିତ ଜାତିସଂଘ - ରାଜନୈତିକ) ଶ୍ରୀ ପ୍ରକାଶ ଗୁପ୍ତାଙ୍କ ନେତୃତ୍ୱରେ ଭାରତୀୟ ପ୍ରତିନିଧୀ ଦଳରେ ଆବୁଧାବିରେ ଥିବା ଭାରତୀୟ ଦୂତାବାସର ଅଧିକାରୀମାନେ ସାମିଲ ଥିଲେ। ୟୁଏଇର ବୈଦେଶିକ ବ୍ୟାପାର ଓ ଆନ୍ତର୍ଜାତିକ ସହଯୋଗ ମନ୍ତ୍ରଣାଳୟ ଅନ୍ତର୍ଗତ ମିଳିତ ଜାତିସଂଘ ବିଭାଗର ନିର୍ଦ୍ଦେଶକ ଶ୍ରୀମତୀ ଅହୁଦ ଅଲ ଜାବି ୟୁଏଇ ପ୍ରତିନିଧୀ ଦଳର ନେତୃତ୍ୱ ନେଇଥିଲେ।

2. ମିଳିତ ଜାତିସଂଘ ସୁରକ୍ଷା ପରିଷଦ ବା ୟୁଏନଏସସିର କାର୍ଯ୍ୟକାଳ ମଧ୍ୟରେ ଉଭୟ ପକ୍ଷ ନିଜର ପ୍ରାଥମିକତା କ୍ଷେତ୍ରଗୁଡିକ ଉପରେ ମତ ବିନିମୟ କରିଥିଲେ। ଦୁଇ ଦେଶ ମଧ୍ୟରେ ବିସ୍ତୃତ ରଣନୀତିକ ଭାଗିଦାରୀ ଅନୁଯାୟୀ ସେମାନେ ୟୁଏନଏସସି ଏଜେଣ୍ଡାର ପ୍ରମୁଖ ପ୍ରସଙ୍ଗଗୁଡ଼ିକ ଉପରେ ବିଶେଷ କରି ସଂସ୍କାରିତ ବହୁପକ୍ଷୀୟତା ଓ ଆତଙ୍କବାଦର ମୁକାବିଲା ପାଇଁ ସେମାନଙ୍କର ପ୍ରତିବଦ୍ଧତା ଉପରେ ମିଳିତ ଭାବରେ କାର୍ଯ୍ୟ କରିବାକୁ ସହମତ ହୋଇଥିଲେ।

3. ମାର୍ଚ୍ଚ 2022 ରେ ୟୁଏନଏସସିର ସଫଳ ଅଧ୍ୟକ୍ଷତା ପାଇଁ ଭାରତ ୟୁଏଇକୁ ଅଭିନନ୍ଦନ ଜଣାଇଛି। ବହୁପକ୍ଷୀୟ ପ୍ରସଙ୍ଗ ଉପରେ ଉଭୟ ପକ୍ଷ ସେମାନଙ୍କର ମିଳିତ ଉଦ୍ୟମ ଏବଂ ପାରସ୍ପରିକ ସମର୍ଥନକୁ ସ୍ୱାଗତ କରିଥିଲେ।

**ଆବୁଧାବି**

**ଏପ୍ରିଲ 26, 2022**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.